### ୪ର୍ଥ ଭଦ୍ରକ ମହୋତ୍ସବ ଉଦ୍‌ଯାପିତ

# ସମ୍ପର୍କର ଡ଼ୋରୀକୁ ଦୃଢ଼ କରିବାକୁ ଆହ୍ୱାନ

ଭଦ୍ରକ,୧୬।୧(ସକାଳଖବର): ସ୍ଥାନୀୟ ନେହେରୁ ଷ୍ଟାଡ଼ିୟମ ଠାରେ ଚାଲିଥିବା ୪ର୍ଥ ଭଦ୍ରକ ମହୋତ୍ସବ ଓ ପୁସ୍ତକମେଳା ଉଦ୍‌ଯାପିତ ହୋଇଯାଇଛି। କମିଟିର ସଭାପତି ଇଂ ଅଭୟ କୁମାର ସୁତାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଅନ୍ତିମ ସଂଧ୍ୟାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଡ଼କ ପରିବହନ ମନ୍ତ୍ରୀ '.ନୃସିଂହ ଚରଣ ସାହୁ ଯୋଗଦେଇ ମହୋତ୍ସବ ସମ୍ପର୍କର ଡ଼ୋରୀକୁ ମଜବୁତ କରିଥାଏ ବୋଲି କହିଥିଲେ। ବିଶିଷ୍ଟ ଅତିଥି ଭାବେ ରାଜ୍ୟ ମହିଳା, ଶିଶୁ ବିକାଶ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ସାମଲ ଯୋଗଦେଇ ନିଜ ବକ୍ତବ୍ୟରେ ଭଦ୍ରକ ମାଟିର କଳା, ସଂସ୍କୃତି, ଐତିହ୍ୟକୁ ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲ୍ଲା ଯୋଗାଣ ଅଧିକାରୀ ଉମାଶଙ୍କର ପତି, ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କର, ବ୍ୟଙ୍ଗ କବି ଅଶୋକ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବରେ ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ପ୍ର. କମଳାକାନ୍ତ ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। କମିଟିର ସଂଗଠନ ସଂପାଦକ ନିର୍ମଳ ରାଉତ୍ ସ୍ୱାଗତ ଭାଷଣ, ନିହାର ରଂଜନ କର ଅତିଥି ପରିଚୟ ଓ ଅଞ୍ଜୁବାଳା ରାଉତ୍ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଡ଼ାକ୍ତର ଝସକେତନ ମହାନ୍ତି, ଡ଼ାକ୍ତର ସୁରେନ୍ଦ୍ର ମିଶ୍ର, ଡ଼ାକ୍ତର ସୁବାଷ ବିଶ୍ୱାଳଙ୍କୁ ଭାଗବତ ସାହୁ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁରୂପ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥବବା ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନମାନଙ୍କୁ ମଧ ସମ୍ମାନିତ କରାଯାଇଥିଲା। ୧୦ ଦିନ ଧରି ଚାଲିଥିବା ଏହି ମହୋତ୍ସବରେ ୬୦ରୁ ଅଧିକ ବ୍ୟବସଦାୟୀ ଷ୍ଟଲ ଖୋଲିଥିଲେ। କମିଟିର ସଂପାଦକ ରବିନାରାୟଣ ଖିଲାର, କୋଷାଧକ୍ଷ ଆଶିଶ ଅମିତାଭ ମହାପାତ୍ର, ଅମରେନ୍ଦ୍ର ବିଶ୍ୱାଳ, ମନୋରମା ରାୟ, ସୁପ୍ରଭା ପାଣୀ, ସଂଯୁକ୍ତା ମହାନ୍ତି, ଅଧ୍ୟାପକ ଉପଦେଷ୍ଟା ମାଧବ ଜେନା, ଅତିଶ ବେହେରା, ଅମର ବାରିକ୍., ପ୍ରିୟଦର୍ଶନ ବୋଇତି, ଅପୂର୍ବ ରଂଜନ ବେହେରା, ଅମିତାବାଳା ଆଚାର୍ଯ୍ୟ, ରମେଶ ପାଗଲ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ, ସାଂସ୍କୃତିକ କାର୍ଯ୍ୟକ୍ରମକୁ ବି.ପିତାମ୍ବର ରେଡ୍ଡି, ରାମନାରାୟଣ ମହାନ୍ତି ଓ ରଶ୍ମିତା ସେଠୀ ପରିଚାଳନା କରିଥିଲେ। ଶେଷରେ କୁନିକୁନି ପିଲାମାନଙ୍କ ମଧ୍ୟରେ ଫେସନ ସୋ ଅନୁଷ୍ଠିତ ହୋଇଥିଲା ।

# ରାଉରକେଲାରେ ମକର ପର୍ବ ପାଳିତ

ସାରନଗରୀ,୧୬।୧(ସକାଳଖବର): ଆଜି ପବିତ୍ର ମକର ପର୍ବ ରାଉରକେଲା ସମେତ ସାରନଗରୀରେ ଆନନ୍ଦ ଉଦ୍ଦିପନାର ସହ ପାଳିତ ହୋଇଯାଇଛି । ପ୍ରତ୍ୟେକ ହିନ୍ଦୁ ପରିବାରରେ ମକର ସଂକ୍ରାନ୍ତି ଧପାଳନ କରାଯାଇଥିଲା । ବିଶେଷ କରି ମୟୁରଭଂଜ ଜିଲ୍ଲାର ଅଧିବାସୀ ମାନେ ଏହି ପର୍ବକୁ ଧୂମଧାମରେ ପାଳନ କରିବା ଦେଖିବାକୁ ମିଳିଥିଲା । ଆଜି ପ୍ରାତଃ କାଳରୁ ବିଭିନ୍ନ ଦେବାଳୟରେ ଭକ୍ତ ମାନଙ୍କ ଗହଳି ଦେଖିବାକୁ ମିଳିଥିଲା । ମକର ଚାଉଳ, ପିଠା ଓ ମିଠାରେ ମକରରୁ ସ୍ୱାଗତ କରାଯାଇଥିବା ବେଳେ ମକର ଚାଉଳ ଖାଇ ସଙ୍ଗାତ ବସିବାର ପରମ୍ପରା ଦୃଷ୍ଟିଗୋଚର ହୋଇଥିଲା । କେଉଁଠି କୁକୁଡ଼ା ଲଢେଇ ମକରର ମାହୋଲକୁ ସରଗରମ କରୁଥିଲା ତ ପୁଣି କେଉଁଠି , ଗୁଡି ଉଡାରେ ଲୋକେ ମକରକୁ ସ୍ୱାଗତ ଜଣାଇଥିଲେ । ଦକ୍ଷିଣ ରାଉରକେଲାର ସାରନଗରୀ ସମେତ ଜଳଦା, ନୟାଡେରା, ଦେଓଗାଁ, ନବକୃଷ୍ଣନଗର, ବାଲିଯୋଡ଼ି, ଅସୁରଛପଲ, ଧରମଡ଼ିହି ଆଦି ଅଂଚଳରେ ବସବାସ କରୁଥିବା ଆଦିବାସୀ ସଂପ୍ରଦାୟର ବ୍ୟକ୍ତି ମାନେ ମକର ପର୍ବକୁ ନିଜ ନିଜ ବସ୍ତିରେ ଧୂମଧାମରେ ପାଳନ କରିଥିଲେ । ପିଲାଠାରୁ ବଡଯାଏ ସମସ୍ତେ ନୂତନ ବସ୍ତ୍ର ପରିଧାନ କରିଥିଲେ । ବ୍ରହ୍ମପୁର ବାସିନ୍ଦାଙ୍କ ପରମ୍ପରା ଅନୁଯାୟୀ ମକର ପର୍ବରେ ଘର ସମ୍ମୁଖରେ ନିଆଁ ଜଳାଇ ଅଦରକାରୀ ପଦାର୍ଥକୁ ସେଥିରେ ପକାଯାଏ । ନିଆଁରେ ଘଷି ପକାଇ ସମସ୍ତେ ମୁଣ୍ଡିଆ ମାରନ୍ତି । ପିତୃ ପୁରୁଷକୁ ମନେ ପକାନ୍ତି । ସେମାନଙ୍କ ଆତ୍ମାର ସଦଗତି କାମନା କରିବା ପରେ ଘରୁ ବାହାରନ୍ତି । ମକରରେ ସୂର୍ଯ୍ୟଙ୍କର ଉତରାୟଣ ଗତି ଆରମ୍ଭ ହେବା କାରଣରୁ ଶୀତର ପ୍ରକୋପ କ୍ରମଶଃ ହ୍ରାସ ପାଏ । ମକର ଅବସରରେ କିଛି ପରିବାରରେ ଘରେ ଧନୁଷ ଆକାରର ଝୋଟି ପଡ଼ିବା ଦେଖିବାକୁ ମିଳିଥିଲା । ଆଦିବାସୀ ସଂପ୍ରଦାୟଙ୍କ ସମେତ ପ୍ରତ୍ୟେକ ଓଡ଼ିଆଙ୍କ ଘରେ ବନ୍ଧୁ ପରିଜନ ଏକାଠି ହୋଇ ମକର ପର୍ବରେ ନିଜକୁ ସାମିଲ କରିଥିଲେ । ଅପରପକ୍ଷରେ ମକରରେ ଗଂଜା ଲଢେଇର ପରମ୍ପରା ଥିଲେ ମଧ୍ୟ ପୁଲିସ କଟକଣା ଯୋଗୁ କିଛି ଜାଗାରେ କୁକୁଡା ପାଡ଼ା ଚାଲି ନଥିବା ଖବର ମିଳିଛି । ଅପରପକ୍ଷରେ ଜଙ୍ଗଲ ମଧ୍ୟରେ ଲୁଚାଚୋରାରେ କୁକୁଡ଼ା ଲଢେଇ ହୋଇଥିବା ଖବର ମିଳିଛି । ଗଣପର୍ବ ମକରରେ ମୟୁରଭଂଜର ଅଧିଷ୍ଠାତ୍ରୀ ଦେବୀ କୀଚକେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା କରାଯାଇଥିଲା । ମା'ଙ୍କ ପୀଠରେ ମକର ଚାଉଳ ପୂଜାର୍ଚ୍ଚନା କରି ସେହି ଭୋଗକୁ ଶ୍ରଦ୍ଧାଳୁ ମାନଙ୍କ ମଧ୍ୟରେ ବଂଟନ କରାଯାଇଥିଲା । ଦକ୍ଷିଣ ରାଉରକେଲାରେ ବସବାସ କରୁଥିବା କିଛି ତେଲୁଗୁ ସଂପ୍ରଦାୟର ଅଧିବାସୀ ମକର ପର୍ବକୁ ପୋଙ୍ଗଲ ପର୍ବ ଭାବେ ପାଳନ କରିଥିଲେ । ପରିବାର ଓ ବନ୍ଧୁବର୍ଗ ମାନଙ୍କ ମଧ୍ୟରେ ପରସ୍ପରକୁ ପୋଙ୍ଗଲର ଶୁଭ କାମନା ଜଣାଇଥିଲେ । ଆଜି ସଂଧ୍ୟାରେ ମକର ପର୍ବକୁ ନେଇ ଦକ୍ଷିଣ ରାଉରକେଲାର କିଛି ବସ୍ତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ନୃତ୍ୟ ଓ ଗୀତର ତାଳେ ତାଳେ ମକର ପର୍ବରେ ସମସ୍ତେ ଝୁମି ଉଠିଥିଲେ ।

# ଗୃହରକ୍ଷୀ ସଂଘ ତରଫରୁ ଟାଉନ ଥାନା ଘେରାଉ ସମୂହ କାର୍ଯ୍ୟବନ୍ଦ ଆନ୍ଦୋଳନ

ଜୟପୁର, ୧୬।୧(ସକାଳଖବର): କୋରାପୁଟ ଜିଲା ଗୃହରକ୍ଷୀ ସଂଘ ତରଫରୁ ଆଜି ଜୟପୁର ଟାଉନ ଥାନାକୁ ଘେରାଉ କରାଯିବା ସହ ସମୂହ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଥିଲା । ସଂଘ ଅଭିଯୋଗ କରିଛି ଯେ, ଗୃହରକ୍ଷୀ ମାନଙ୍କର ୭ ଦଫା ଦାବିକୁ ନେଇ ବାରମ୍ବାର ସରକାରଙ୍କୁ ଅନୁରୋଧ କରିବା ପରେ ମଧ ସରକାର କୈଣସି ପଦକ୍ଷେପ ନେଉ ନାହାଁନ୍ତି । ମୁଖ୍ୟମନ୍ତ୍ରୀ ଗରିବ ଗୃହରକ୍ଷୀ ମାନଙ୍କୁ ରାଜାରାସ୍ତାକୁ ଓହ୍ଲାଇବା ପାଇଁ ବାଧ କରୁଛନ୍ତି । ତେଣୁ ରାଜ୍ୟ ସରକାର ସେମାନଙ୍କର ୭ ଦଫା ଦାବି ତୁରନ୍ତ ପୁରଣ କରିବା ଦାବିରେ ଟାଉନ ଥାନା ଘେରାଉ କରିଥିଲେ ।

# ଜିଲ୍ଲାରେ ପ୍ରଥମ ଭ୍ରାମ୍ୟମାଣ ଭତା ପ୍ରଦାନ ସେବା ଆରମ୍ଭ

ମୁନିଗୁଡା,୧୬।୧(ସକାଳଖବର): ସେବା ଦିବସ ଅବସରରେ ରାୟଗଡ ଜିଲ୍ଲାର ମୁନିଗୁଡା ଠାରେ ପ୍ରଥମ ଥର ପାଇଁ ଆଇସିଆଇସି ବ୍ୟାଙ୍କ ମାଧମରେ ପ୍ରଦତ ୬ ପ୍ରକାରର ଭତା ପ୍ରଦାନ ସେବା ଆରମ୍ଭ ହୋଇଛି । ବ୍ଲକର ୧୭ଟି ଗ୍ରାମପଚାଂୟତ ସଦରମହକୁମା ମାନଙ୍କରେ ବ୍ୟାଙ୍କ ଶାଖା ତରଫରୁ ସମସ୍ତ ହିତାଧିକାରି ମାନଙ୍କୁ ଚଳିତ ମାସଠାରୁ ପ୍ରତ୍ୟେକ ମାସର ସେବା ଦିବସରେ ସମସ୍ତ ପ୍ରକାର ଭତା ପ୍ରଦାନ କରାଯିବ ବୋଲି ଶାଖା ପ୍ରବନ୍ଧକ ଶ୍ରୀ ନିକୁଞ୍ଜ ସ୍ୱାଇଁ ପ୍ରକାଶ କରିଛନ୍ତି । ସେ ସୂଚନା ଦେଇଛନ୍ତି ଯେ ପରବର୍ତି ପର୍ଯ୍ୟାୟରେ ଚନ୍ଦ୍ରପୁର ବ୍ଲକରେ ଅନୁରୂପ ସେବା ଯୋଗାଇ ଦିଆଯିବ । ଆଜିର ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡା. ଦିଲ୍ଲିପ କୁମାର ବେହେରା, ପୋଲିସ୍ ଉପ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅନନ୍ତ ପ୍ରସାଦ ମଲ୍ଲିକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜିତା ବେହେରା, କନିଷ୍ଠ ଯନ୍ତ୍ରୀ ଜୟପ୍ରକାଶ ନାରାୟଣ ଭଟ୍ଟରାୟ, ବ୍ୟାଙ୍କ ଅଧିକାରୀ ସମୀର ମୁଖାର୍ଜୀ, ଶିବା ପଟେଲ ପ୍ରମୁଖ ଉପସ୍ଥିତ ଥିଲେ । ଶାଖା ପ୍ରପନ୍ଧକ ଶ୍ରୀ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ପଞ୍ଚାୟତସ୍ତରୀୟ ଆଦିବାସୀଙ୍କ ମକର ମିଳନ ଉତ୍ସବ

ନୂଆପଡ଼ା,୧୬।୧(ସକାଳଖବର): ନୁଆପଡା ଜିଲା ବୋଡେନ ବ୍ଲକ ମରଗାଁ ଠାରେ ପଞ୍ଚାୟତ ସ୍ତରୀୟ ଆଦିବାସୀଙ୍କ ମକର ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଶିବ ପୂଜା ହେବା ସହ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଆଦିବାସୀ ପରସ୍ପର ମଧ୍ୟରେ ଆଲିଙ୍ଗନ କରି ମକର ମିଳନ ଉତ୍ସବ ପାଳନ କରିଥିଲେ । ପରେ ଶତାଧିକ ଚାରା ରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସରପଞ୍ଚ କୃଷ୍ଣଚନ୍ଦ୍ର ବେହେରା,ମିନକେତନ ମାଝୀ,ତୋଷ କୁମାର ମାଝୀ ସମେତ ଶତାଧିକ ଆଦିବାସୀ ଯୋଗଦାନ କରିଥିଲେ ।

# ସ୍ୱର୍ଗତ ବୃନ୍ଦାବନ ସାହୁ ଥିଲେ ଶ୍ରମିକ ଆନ୍ଦୋଳନର ଧ୍ରୁବତାରା ସଦୃଶ

ରାଉରକେଲା,୧୬।୧(ସକାଳଖବର): ଶ୍ରମିକ ଆନ୍ଦୋଳନର ଧ୍ରୁବତାରା ସଦୃଶ ସ୍ୱର୍ଗତ ବୃନ୍ଦାବନ ସାହୁଙ୍କ ବିୟୋଗରେ ଇଣ୍ଡିୟାନ୍ ଡେଟୋନେଟରସ୍ ମଜଦୁର ସଭା ଆନୁକୂଲ୍ୟରେ ସୋନାପର୍ବତ ସ୍ଥିତ ୟୁନିୟନ କାର୍ଯ୍ୟାଳୟ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇ ଯାଇଛି । ୟୁନିୟନର ସଂପାଦକ ତଥା ଶ୍ରମିକ ନେତା କ ଅରୁଣ କୁମାର ପରିଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ହିନ୍ଦ୍‌ମଜଦୁର ସଭାର ରାଷ୍ଟ୍ରୀୟ ଉପ-ସଭାପତି ରାଜେନ୍ଦ୍ର ପ୍ରସାଦ ସିଂହ, ହିନ୍ଦ୍‌ମଜଦୁର ସଭାର ରାଜ୍ୟ ନିର୍ବାହୀ ସଭାପତି ବିଦ୍ୟାଧର ବାରିକ ରାଉରକେଲା ମଜଦୁର କାର୍ଯ୍ୟକାରୀ ସଭାପତି ଆନନ୍ଦ ଚନ୍ଦ୍ର ମହାନ୍ତି, ବିଶିଷ୍ଟ ଚିକିତ୍ସକ ତଥା ବାଲିଯୋଡି ଗ୍ରାମ କମିଟିର ସଭାପତି ଡକ୍ଟର ଫକିର ଚରଣ ହୋତା, ସିଆଇଟିୟୁ ଜିଲ୍ଲା ସଂପାଦକ ଅଲେଖ ଚନ୍ଦ୍ର ସାହାଣି, ଶିକ୍ଷାବିତ୍ କବି ହରିହର ବେହେରା ପ୍ରମୁଖ ସ୍ୱର୍ଗତ ବୃନ୍ଦାବନ ସାହୁଙ୍କ ସ୍ମୃତିଚାରଣ କରି କହିଲେ ଶ୍ରମିକ ସମାଜ ପ୍ରତି ବର୍ତମାନ ସମୟରେ ସଙ୍କଟ ମାଡି ଆସୁଥିବା ବେଳେ ଶ୍ରୀ ସାହୁଙ୍କ ବିୟୋଗ ରାଉରକେଲା ତଥା ରାଜ୍ୟ ପାଇଁ ଅପୂରଣିୟ କ୍ଷତି। ତାଙ୍କ ଜୀବଦଶା ସମୟରେ ରାଉରକେଲା ଇସ୍ପାତ କାରଖାନା ଉଭୟ ସ୍ଥାୟୀ ଓ ଠିକା ଶ୍ରମିକ, ଆଇଡିଏଲ୍, ଫେରୋସ୍କ୍ରାପ, ରାଜଗାଙ୍ଗପୁର ସ୍ଥିତ ସିମେଂଟ ମଜଦୁର ସଂଘ, ଲାଠିକଟା ସ୍ଥିତ ଓରିଣ୍ଟ ସର୍ବୋପରି ସକଳ ଶ୍ରେଣୀର ଶ୍ରମିକ ମାନଙ୍କର ବହୁବିଧ କଲ୍ୟାଣ ସାଧନ ନିମନ୍ତେ ଯୋଉଁ କାର୍ଯ୍ୟ କରିଯାଇଛନ୍ତି ତାହା ସ୍ୱର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ହୋଇ ରହିବ। ସ୍ୱର୍ଗତ ସାହୁ ଜଣେ ଦରଦୀ ବ୍ୟକ୍ତିତ୍ୱ ଶ୍ରମ ଆଇନର ବିଶାରଦ ଏବଂ ସମାଜ ସେବା ବିଶେଷତ ଦୀର୍ଘ ଅର୍ଧଶତାବ୍ଦି ଧରି ହିନ୍ଦ୍‌ମଜଦୁର ସଭା ଶ୍ରମିକ ଅନ୍ଦୋଳନରେ ତାଙ୍କର ସେବା ଓ ସଂଘର୍ଷର ପଟାନ୍ତର ନାହିଁ ବୋଲି ସେମାନେ ମତବ୍ୟକ୍ତ କରି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେଡ଼ି ନେତା ଶ୍ରୀଚରଣ ସାମଲ, ରାଉରକେଲା ମଜଦୁର ସଭାର ଉପସଭାପତି ସିଦ୍ଧେଶ୍ୱର ବଳ, ଜଗଦିଶ ପଣ୍ଡା, ରାଉରକେଲା ପୂଜ୍ୟପୂଜା ପରିଷଦର ସାଧାରଣ ସଂପାଦକ ସନାତନ ସାହୁ, ରାଉରକେଲାର ମହାନଗର ନିଗମ ବିକାଶ ପରିଷଦର ସାଧାରଣ ସଂପାଦକ ଦେବେନ୍ଦ୍ର କୁମାର ସାହୁ, ଉତ୍କଳମଣି ଗୋପବନ୍ଧୁ ୱେଲଫେୟାର ଟ୍ରଷ୍ଟର ବରିଷ୍ଠ ସଦସ୍ୟ କେଶବ ଚନ୍ଦ୍ର ସାହୁ, ଅନ୍ୱେଷଣର ସାଧାରଣ ସମ୍ପାଦିକା ସଚଳା ପଣ୍ଡା, ସଦସ୍ୟା ଚାନ୍ଦମଣି ମାଝୀ, ବେଦବ୍ୟାସ ସାହିତ୍ୟ ଓ ସଂସ୍କୃତି ପରିଷଦର ସଂପାଦକ କବି ଗୌରାଙ୍ଗ ଦାସ, କଳିକା ସାଂସ୍କୃତିକ ଅନୁଷ୍ଠାନର ସଂପାଦକ ଧନେଶ୍ୱର ସାହୁ, ଆଇଡିଏମଏସର ନେତା ଅନ୍ତର୍ଯ୍ୟାମି ବେହୁରିଆ, ନରହରି ଦସ, କୁମାର ମୁର୍ମୁ, ରମେଶ ଚନ୍ଦ୍ର ମହାନ୍ତି, କେ.ସି ମଲ୍ଲିକ, ଜଗବନ୍ଧୁ ମହାନ୍ତି, ଭିକାରୀ ପ୍ରଧାନ, ସୁବାସ ଚନ୍ଦ୍ର ବିଶ୍ୱାଳ, ସମାଜସେବୀ ବାସୁଦେବ ସାମଲ, ଶ୍ରମିକ ନେତା ନଟବର ବାରିକ, ତ୍ରିଲୋଚନ ବିଶ୍ୱାଳ, କିଶୋର ତ୍ରିପାଠୀ, ବାସୁଦେବ ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରି ସ୍ୱର୍ଗତ ସାହୁଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

# ଫୁଲବାଣୀ ମିଳିତ ନାଗରିକ କମିଟିର କ୍ଷୋଭ

ଫୁଲବାଣୀ, ୧୬।୧(ସକାଳଖବର): ଫୁଲବାଣୀ ମିଳିତ ନାଗରିକ କମିଟି ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅବ୍ୟବସ୍ଥା ସମ୍ପର୍କରେ ପରିଦର୍ଶନ ପାଇଁ ଏକ ଦଳ ଯାଇ ସିଡିଏମ୍‌ଓ, ଏଡିଏମଓ ଏବଂ ଡାକ୍ତରଖାନା ପରିଚାଳକଙ୍କ ସହ ଆଲୋଚନା କରି ଫେରିଛନ୍ତି ।

ଦୀର୍ଘ ୪/୫ ବର୍ଷ ଧରି ଜଳ ସମସ୍ୟା ଆଜି ପର୍ଯ୍ୟନ୍ତ ସମାଧାନ ହୋଇ ପାରି ନଥିବାରୁ ଟିମ ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଛି । ଦିନ ୧୦ଟା ପରେ ଅଧିକାଂଶ ୱାର୍ଡରେ ପାଣି ନଥିବାରୁ ରୋଗୀ ଏବଂ ତାଙ୍କ ସମ୍ପର୍କୀୟମାନେ ନାହିଁ ନଥିବା ଅସୁବିଧା ଭୋଗୁଥିବା ଦେଖାଯାଇଛି । ଏପରିକି ପାନୀୟ ଜଳର ମଧ ଅସୁବିଧା ଦେଖା ଦେଇଛି । ୱାର୍ଡ ଗୁଡ଼ିକ ସଠିକ ଭାବେ ଫିନାଇଲରେ ସଫା ହେଉନାହିଁ । ପ୍ରାୟ କୌଣସି ପାଇଖାନାରେ ପାଣି ଟ୍ୟାପ ନାହିଁ । ପ୍ରତି ୱାର୍ଡରେ ମାତ୍ର ଗୋଟିଏ ଲେଖାଏଁ ପାଇଖାନା ବ୍ୟବହାର ଯୋଗ୍ୟ ଥିବା ଦେଖିବାକୁ ମିଳୁଛି । ପ୍ରଧାନମନ୍ତ୍ରୀ ମାତୃତ୍ୱ ସହଯୋଗ ଯୋଜନାରେ ଗର୍ଭବତୀ ମାନଙ୍କ ବସିବା ପାଇଁ କୌଣସି ବନ୍ଦୋବସ୍ତ କରାଯାଇ ନାହିଁ । ମେଡିକାଲ ହତା ମଧରେ ଅଳିଆ ଆବର୍ଜନା ସଫେଇ ହେଉନାହିଁ । ଜାନୁଆର ପହିଲାରୁ ସରକାର ସମସ୍ତ ପରୀକ୍ଷା ଫିସ୍ ଛାଡ କରିଥିବା ବେଳେ ବେନିୟମ ଭାବେ ମାଡି ବସିଥିବା ଓଟିଟିଇଟି ସଂସ୍ଥା ଏହି ସୁଯୋଗରେ ଲୋକମାନଙ୍କୁ ଲୁଟ କରିବାରେ ଲାଗିଛି । ସ୍ୱୀକୃତିପ୍ରାପ୍ତ ପାଥୋଲୋଜିଷ୍ଟ ନ ଥାଇ କିଭଳି ଏହା କରାଯାଉଛି ଯାର ଉତର ସିଡିଏମଓ ଦେଇ ପାରି ନଥିଲେ । ମେଡିକାଲ ପ୍ରବେଶ ପଥରେ ଥିବା ମୁଖ୍ୟ ଦ୍ୱାରରେ ରାସ୍ତା ଅତ୍ୟନ୍ତ ଖରାପ ଥିବା ବେଳେ ତାକୁ ମରାମତି ନ କରି କାହା ସ୍ୱାର୍ଥରେ ଅଯଥା ମେଡିସିନ ଗୋଦାମ ପାଖରେ ରୋଷେଇ ଘର ନିର୍ମାଣ ହେଉଛି ବୋଲି ଟିମ୍ ପ୍ରଶ୍ନ କରିଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜିଲ୍ଲାର ମୁଖ୍ୟ ଅଧିକାରୀ ଥିବା ବେଳେ ସେମାନଙ୍କ ଦାୟିତ୍ୱ ହୀନତା ଯୋଗୁଁ ଓ ଉତର ଦାୟୀତ୍ୱର ଅଭାବରୁ ଏଭଳି ଅବ୍ୟବସ୍ଥା ହେଉଥିବା ଅଭିଯୋଗ ହେଉଛି । ଏଲ ତ୍ରିନାଥ ପାତ୍ରଙ୍କ ଆହ୍ୱାନକ୍ରମେ ଏହି ପରିଦର୍ଶରେ ନବୀନ କିଶୋର ପଣ୍ଡା, ଅଶୋକ କୁମାର ପରିଡ଼ା, ନାରାୟଣ ସାହୁ, ପ୍ରମୋଦ ସାହୁ, ରାଜକିଶୋର ପାଢ଼ୀ, ସୁବାସ କୁନା ଦିଗାଲ ପ୍ରମୁଖ ନାଗରିକ କମିଟିର ସଦସ୍ୟମାନେ ଯାଇ ସମସ୍ୟାର ସମାଧାନ ପାଇଁ ପରାମର୍ଶ ଦେଇଥିବା ଜଣାଯାଏ ।

# ଜଟଣୀରେ ୨୦୦ରୁ ଉର୍ଦ୍ଧ୍ୱ ତେଲୁଗୁ ସମ୍ପ୍ରଦାୟର ଲୋକେ ପାଳିଲେ ପୋଙ୍ଗଲ

ଜଟଣୀ,୧୬।୧(ସକାଳଖବର): ଜଟଣୀରେ ୨୦୦ରୁ ଉର୍ଦ୍ଧ୍ୱ ତେଲୁଗୁ ସଂପ୍ରଦାୟର ଲୋକ ରବିବାର ଦକ୍ଷିଣ ଭାରତର ପ୍ରମୁଖ ପର୍ବ ପୋଙ୍ଗଲ ପାଳନ କରିଛନ୍ତି । ଏହି ପର୍ବ ପ୍ରତି ବର୍ଷ ଜାନୁଆରୀ ମାସର ୧୩ ରୁ ୧୪ ତାରିଖ ମଧ୍ୟରେ ପଳନ ହୋଇଥାଏ । ପୋଙ୍ଗଲ ପର୍ବକୁ ତିନି ଭାଗରେ ବିଭକ୍ତ କରାଯାଇଥାଏ ଏବଂ ଏହା ତିନି ଦିନ ଧରି ପାଳନ ହୋଇଥାଏ ଯଥା ପ୍ରଥମ ଦିନ ବୋଘି, ଦ୍ୱିତୀୟ ଦିନ ସଂକ୍ରାନ୍ତି ଏବଂ ତୃତୀୟ ଦିନକୁ କନୁମା ବୋଲି କୁହାଯାଏ । ପ୍ରଥମ ଦିନର ପ୍ରଥାନୁଯାୟୀ, ସୂର୍ଯ୍ୟ ଦେବତାଙ୍କୁ ସ୍ମରଣ ତଥା ଗ୍ରୀଷ୍ମକୁ ସ୍ମରଣ କରିବା ପାଇଁ ଘରେ ଥିବା ଭଙ୍ଗା କାଠ ଓ ଆସବାବ ପତ୍ରକୁ ଏକତ୍ର କରି ନିଆଁ ଲଗାଯାଇଥାଏ ଏବଂ ସେ ନିଆଁରେ ପାଣି ଗରମ କରି ସେଥିରେ ସମସ୍ତେ ସ୍ନାନ କରିଥାନ୍ତି । ଅମଳ ହୋଇଥିବା ନୂଆ ଧାନରେ ସୁସ୍ୱାଦୁ କ୍ଷୀରି ପ୍ରସ୍ତୁତ ହୋଇଥାଏ । ଝିଅ ଜ୍ୱାଇଁଙ୍କୁ ନିମନ୍ତ୍ରଣ କରାଯାଇଥାଏ । ନୂତନ ବସ୍ତ୍ର ପରିଧାନ କରାଯାଇଥାଏ ଏବଂ ବିଭିନ୍ନ ରଙ୍ଗରେ କାନ୍ଥରେ ଝୋଟି ଦିଆଯାଇଥାଏ । ଗଞ୍ଜା ଏବଂ ମେଣ୍ଢାଙ୍କ ଲଢେଇର ପ୍ରତିଯୋଗିତା ମଧ କରାଯାଇଥାଏ । ସେହିପରି ଦ୍ୱିତୀୟ ଦିନରେ ନୂଆ ଚାଉଳରେ ତିଆରି ହୋଇଥିବା କ୍ଷୀରି ଏବଂ ବିନା ଚୋପାଛଡା ପରିବାରେ ତିଆରି ହୋଇଥିବା ଘଂଟ ତରକାରୀକୁ ମୁଖ୍ୟ ଖାଦ୍ୟ ଭାବେ ବିଭିନ୍ନ ପରିବାର ମଧ୍ୟରେ ବଂଟା ଯାଇଥାଏ ଏବଂ ସ୍ୱର୍ଗୀୟ ମାନଙ୍କୁ ସ୍ମରଣ କରାଯାଇଥାଏ । ତୃତୀୟ ଦିନ ଗୋମାତାଙ୍କୁ ଗାଧୋଇଦେବା ସହ ଫୁଲ ଚନ୍ଦନ ଦେଇ ପୂଜା କରାଯାଏ ଏବଂ ଗୋମାତାଙ୍କୁ ସୁସ୍ୱାଦୁ ଖାଦ୍ୟ ପରସି ଦିଆଯାଇଥାଏ ।

# ମନ୍ଦିରା ଡ଼୍ୟାମ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଦାବିରେ ବିକ୍ଷୋଭ

ରାଉରକେଲା, ୧୬।୧(ସକାଳଖବର): ମନ୍ଦିରା ଡ୍ୟାମ ନିର୍ମାଣ ଯୋଗୁ ଜଳଭଣ୍ଡାରର ଉପରି ମୁଣ୍ଡରେ ଥିବା କୁତ୍ରା ତହସିଲ ଅନ୍ତର୍ଗତ ବିଭିନ୍ନ ଗ୍ରାମର ଚାଷ ଜମିରେ ବର୍ଷା ଦିନେ ଶଙ୍ଖ ନଦୀର ବାଲି ମାଡି ଯାଉଛି । ଏହାଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ଚାଷୀ ମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ଦାବିରେ ଜିଲ୍ଲା ପେସା ଗ୍ରାମସଭା କୋଡିନେସନ କମିଟି ପକ୍ଷରୁ କୁତ୍ରା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏହି ଅବସରରେ ରାଷ୍ଟ୍ରପତିଙ୍କ ଉଦ୍ଦ୍ୟେଶରେ ସ୍ଥାନୀୟ ତହସିଲଦାର ସୀତାଦେବୀ ମାଝୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଶଂଖ ନଦୀରେ ମନ୍ଦିରା ଡ୍ୟାମ ନିର୍ମାଣ ପରେ ଏହି ଜଳଭଣ୍ଡାରର ଉପରି ମୁଣ୍ଡରେ ଥିବା କୁତ୍ରା ତହସିଲ ଅନ୍ତର୍ଗତ ତରକେରା, ଉଡ଼ରମା, ସାଧୁ ମୁଣ୍ଡା, ଓ ସମଲେଇମୁଣ୍ଡା ଆଦି ଗ୍ରାମାଂଚଳର ଚାଷ ଜମି ଗୁଡ଼ିକର ବିଶେଷ ଭାବେ ବର୍ଷାଦିନେ ବାଲି ମାଡ଼ି ଯାଉଥିବାରୁ ଏହି ଅଂଚଳର ଚାଷୀ ମାନେ କ୍ଷତିଗ୍ରସ୍ତ ହେଉଥିବା ନେଇ ବହୁ ଦିନରୁ ପ୍ରଶାସନ ତଥା ସରକାରଙ୍କ ନିକଟରେ କ୍ଷତିପୂରଣ ଦେବା ନେଇ ଦାବି ହୋଇ ଆସୁଛି । ମାତ୍ର ଏପର୍ଯ୍ୟନ୍ତ ଚାଷୀ ମାନଙ୍କୁ କୌଣସି କ୍ଷତିପୂରଣ ମିଳି ପାରିନାହିଁ । ସୁନ୍ଦରଗଡ଼ ଜିଲ୍ଲା ପେସା କୋଡିନେସନ କମିଟି ସଭାପତି ବୁଧୁଆ ଯୋଯୋ, ତରକେରା ପେସା ଗ୍ରାମସଭାର ସଭାପତି ନିଶବେନ ସମଦ, ସମ୍ପାଦକ ମାର୍ଶା କଣ୍ଡୁଲାନାଙ୍କ ନେତୃତ୍ୱରେ ପେସା ଗ୍ରାମ ସଭାର କୋଅଡିସେନ କମିଟି ପକ୍ଷରୁ ଶତାଧିକ ଲୋକଙ୍କ ଦ୍ୱାରା ପତ୍ରାପଡା ଖେଳ ପଡ଼ିଆରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ କ୍ଷତିଗ୍ରସ୍ତ ହେଉଥିବା ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଦାବିରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ।

# ଓଡିଶା ଗ୍ରାମ୍ୟ ବ୍ୟାଙ୍କର ନୂତନ ଏଟିଏମ୍ ସେବା

ए.टि.एम्
ATM
ओड़िशा ग्राम्य बैंक
Odisha Gramya Bank
VISA

ବାରିପଦା. ୧୬।୧(ସକାଳଖବର): ଓଡିଶା ଗ୍ରାମ୍ୟ ବ୍ୟାଙ୍କ୍ ବାରିପଦା ଶାଖାର ଏଟିଏମ୍ ସ୍ଥାନୀୟ ବଡ ବଜାର ଠାରେ ଓ ସାନକେରୋକ ଶାଖାର ଏଟିଏମ୍, ସାନକେରୋକ ଠାରେ ବ୍ୟାଙ୍କର ଅଧ୍ୟକ୍ଷ ବୃନ୍ଦାବନ ନାୟକଙ୍କ ଦ୍ୱାରା ଉଦ୍ଘାଟିତ ହୋଇଯାଇଅଛି। ଏହ ଅବସରରେ ବ୍ୟାଙ୍କର ବାରିପଦା ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ପରିଚାଳକ ଭାସ୍କର ଚନ୍ଦ୍ର ଦାଶ, ଆଞ୍ଚଳିକ ଅଫିସର ବରିଷ୍ଠ ପରିଚାଳକ ମାନସ ରଞ୍ଜନ ଦାଶ, ମୁଖ୍ୟ କାର୍ଯ୍ୟାଳୟର ବରିଷ୍ଠ ପରିଚାଳକ ମନୋଜ କୁମାର ମହାନ୍ତି, ସ୍ୱରୂପ କୁମାର ବସାଙ୍କ ସହିତ ଉଭୟ ଶାଖାର ସମସ୍ତ କର୍ମଚାରୀ ତଥା ବ୍ୟାଙ୍କର ଶୁଭେଚ୍ଛୁମାନେ ଯୋଗ ଦେଇଥିଲେ। ଏହି ଏଟିଏମ୍ ଗୁଡିକରୁ ନିଜ ବ୍ୟାଙ୍କର କାର୍ଡରେ ଟ.୧୫,୦୦୦/- ଓ ଅନ୍ୟବ୍ୟାଙ୍କ କାର୍ଡରେ ଟ.୧୦.୦୦୦/- ପର୍ଯ୍ୟନ୍ତ ଦୈନିକ ଉଠାଣ କରାଯାଇପାରିବ।

# ଫକୀରମୋହନ ଏବେବି ଅନତିକ୍ରମଣୀୟ ସାହିତ୍ୟସ୍ରଷ୍ଟା

ବ୍ୟାସକବି ଫକୀରମୋହନ ଜୟନ୍ତୀ
ମହେନ୍ଦ୍ର ଭବନ ପରିସର

ଫକୀରମୋହନ ଜୟନ୍ତୀ ପାଳିତ

ଭଦ୍ରକ,୧୬।୧(ସକାଳଖବର): ସମୟର ବିବର୍ତ୍ତନ ଓ ଅଗ୍ରଗତି ସହ ତାଳ ଦେଇ ଓଡ଼ିଆ ସାରସ୍ୱତ କ୍ଷେତ୍ରରେ ଅନେକ ପରିବର୍ତ୍ତନ ଆସିବା ସତ୍ତ୍ୱେ ଓଡ଼ିଆ ଭାଷା ସାହିତ୍ୟର ଅନ୍ୟତମ ତ୍ରାଣକର୍ତ୍ତା ସଂକ୍ରାନ୍ତି ପୁରୁଷ ଫକୀରମୋହନ ସେନାପତି ଆମ ସାହିତ୍ୟରେ ଏବେବି ଅନତିକ୍ରମଣୀୟ ହୋଇ ରହିଛନ୍ତି ବୋଲି ଭଦ୍ରକସ୍ଥିତ ମହେନ୍ଦ୍ର ଭବନ ପରିସର ବିବେକାନନ୍ଦ ପାଠ ଭବନରେ ଆୟୋଜିତ ଫକୀରମୋହନ ଜୟନ୍ତୀରେ ମତ ପ୍ରକାଶ ପାଇଛି। ଡ଼ାକ୍ତର ଦୁର୍ଯ୍ୟୋଧନ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ଇଂ ବିଦ୍ୟାଧର ବ୍ରହ୍ମ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ଜୟନ୍ତୀ କମିଟିର ଆବାହକ କବି ଅଭିଜିତ ନାୟକ ସଭାର ଉଦ୍ଦେଶ୍ୟ ଜ୍ଞାପନ ସହ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି କବି ହୃଦାନନ୍ଦ ପାଣିଗ୍ରାହୀ ବ୍ୟାସକବିଙ୍କ ବହୁବର୍ଣ୍ଣୀ କାବ୍ୟସ୍ୱର ଉପରେ ନିଜର ସୁଚିନ୍ତିତ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏବଂ ଅନ୍ୟତମ ସମ୍ମାନିତ ଅତିଥି ସ୍ତମ୍ଭକାର ଅଭୟ ଦିବେଦୀ ଫକୀରମେହାନଙ୍କ ଜୀବନୀ ସାହିତ୍ୟ, ସାହିତ୍ୟର ଏହି ବିଭବକୁ ନୂଆ ଦିଶା ଦେଖାଇଛି ବୋଲି ପ୍ରକାଶ କରିବା ସହ ଏହାର ମହକ ଆମକୁ ଚିରକାଳ ଆଲୋଡ଼ିତ କରୁଥିବ ବୋଲି ମତ ଦେଇଥିଲେ। ସମ୍ମାନିତ ବକ୍ତା କଥାକାର ପବିତ୍ର ପାଣିଗ୍ରାହୀ ସମୟ ସୁଅରେ ଓଡ଼ିଆ ସାହିତ୍ୟର ପ୍ରଥମ କ୍ଷୁଦ୍ରଗଳ୍ପ ରେବତୀ କିପରି ପରବର୍ତ୍ତୀ ସମୟର ଗାଳ୍ପିକମାନଙ୍କୁ ଭିନ୍ନ ଭିନ୍ନ ବାଟରେ ରେବତୀ ଚରିତ୍ରକୁ ଉପସ୍ଥାନ କରିବାକୁ ପ୍ରେରଣା ଯୋଗାଇବା ସହିତ ସମୟର ନିଚ୍ଛକ ଚିତ୍ରକୁ ଟୋଳି ଧରି ରେବତୀମାନଙ୍କୁ ଉତ୍ତରିତ ଚେତନାରେ ରୁପାନ୍ତରିତ କରିଛି ସେ ସମ୍ପର୍କରେ ଆକର୍ଷଣୀୟ ବକ୍ତବ୍ୟ ରଖିଥିଲେ। ସଭାପତି ଡ଼ା ଦାସ ତାଙ୍କ ଅଭିଭାଷଣରେ ଫକୀରମୋହନଙ୍କ ଉପନ୍ୟାସ ଉପରେ ସମ୍ୟକ ଆଲୋକପାତ କରିଥିଲେ। ଶେଷରେ କବି ମନୋରଂଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଅଧିବକ୍ତା ରାଖାଲ ଚନ୍ଦ୍ର ଦାସ, ଗାଳ୍ପିକ ରାଧା ବିନୋଦ ନାୟକ, ଡ଼ ପ୍ରଭାତ ନଳିନୀ ମହାପାତ୍ର, ଡ଼ ଝରଣା ପଟ୍ଟନାୟକ, ସାହିତ୍ୟ ଏକାଡ଼େମି ସଦସ୍ୟ ପୁର୍ଣ୍ଣଚନ୍ଦ୍ର ବହଳି, ଅଶୋକ ଜେନା, ଡ଼ ପଦ୍ମକାନ୍ତ ଧଳ, ଶିବଚରଣ ଖାମୁରାଇ, ପ୍ରାଧ୍ୟାପକ ଭରତ ଚନ୍ଦ୍ର ସାହୁ ପ୍ରମୁଖ ଭଦ୍ରକର ବହୁ ବୁଦ୍ଧିଜିବୀ ଏହି ନିଆରା ସାରସ୍ୱତ ସଭାରେ ଯୋଗ ଦେଇଥିଲେ।

# ମୁନିଗୁଡା ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ଉଦଘାଟିତ

ମୁନିଗୁଡା,୧୬।୧(ସକାଳଖବର):ରାୟଗଡ ଜିଲ୍ଲାର ମୁନିଗୁଡା ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ମଶାଲ ଶୋଭାଯାତ୍ରା ଉଦଘାଟିତ ହୋଇଯାଇଛି । କ୍ରୀଡ଼ା ଅଧାପକ ଚତୁର୍ଭୁଜ ବନଛରଙ୍କ ନେତୃତ୍ୱରେ ଗ୍ରାମଦେବୀ ମନ୍ଦିରରୁ ମଶାଲ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା ପୂର୍ବକ ମହାବିଦ୍ୟାଳୟ ଖେଳ ପଡିଆ ପରିସରରେ ପହଚିଂବା ପରେ ଅଧାପକ ଦେବବ୍ରତ ରାଜଗୁରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ ସହ କ୍ରୀଡା ପତକା ଉତୋଳନ କରି କ୍ରୀଡା ଏବଂ ସଂସ୍କୃତିକ ପ୍ରତିଯୋଗିତା ୨୦୧୮ର ଶୁଭ ଉଦଘାଟନ କରିଛନ୍ତି । ଏହି କ୍ରୀଡ଼ା ଉତ୍ସବ ତିନିଦିନ ବ୍ୟାପି ଚାଲିବ । ଏଥିରେ ଛାତ୍ରଛାତ୍ରୀମାନେ ବିଭିନ୍ନ କ୍ରୀଡ଼ା ଏବଂ ସଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । । କୃତି ପ୍ରତିଯୋଗୀ ମାନଙ୍କୁ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ମହାବିଦ୍ୟାଳୟ ତରଫରୁ ସୂଚିତ କରାଯାଇଛି । ଏହି ଅବସରରେ ଅନ୍ୟ ଅଧାପକ ରାମନାଥ ମହାପାତ୍ର, ବିରାଟ କିଶୋର ପଣ୍ଡା, ଅମିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।